

# ସତ୍ୟବାକ୍ୟ

# THE WORD OF TRUTH

**MARCH & APRIL - 2012**

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

Edited & Published By
Joshua & Kabita Gootam.

## CHURCH OF CHRIST

P.O. Box.No. 80, Kakinada
A.P. - 533 001.
Ph : 0884 - 2363722.

Vol.18.Mar & Apl-2012.No-2

Published every two months in **Oriya** language for the Restoration of pure New Testament Christianity

Write for free Bible Correspondence course
in
Telugu & Oriya to:

**The Director**
Bible Correspondence Course
P.O .Box.80, KAKINADA - 533 001.

# ସତ୍ୟବାଣୀ

# VOICE OF TRUTH

VOL - XVII KAKINADA MAR-APR-2012


## ଖ୍ରୀଷ୍ଟଙ୍କ ରକ୍ତ

### (Blood of Christ)

ଈଶ୍ୱର ଓ ମନୁଷ୍ୟର ସମ୍ବନ୍ଧ ମଧ୍ୟରେ ରକ୍ତର ପ୍ରାଧାନ୍ୟତା ସବୁବେଳେ ରହିଆସୁଅଛି । ପୁରାତନ ନିୟମର ସମୟରେ ମଧ୍ୟ ପଶୁବଳି ଦିଆଯାଉଥିଲା । କିନ୍ତୁ ଏହି ପଶୁବଳିଗୁଡ଼ିକ ଚିରକାଳ ନିମନ୍ତେ ପାପ ପୋଛି ପାରି ନ ଥିଲା କାରଣ ଏବ୍ରୀ ପୁସ୍ତକର ଲେଖକ ଲେଖନ୍ତି, "ବୃଷ ଓ ଛାଗର ରକ୍ତ ଯେ ପାପ ହରଣ କରିବ ଏହା ଅସମ୍ଭବ ।" (ଏବ୍ରୀ ୧୦:୪) ପଶୁବଳି ପାପହରଣ କରିନପାରେ, ତେବେ ମନୁଷ୍ୟ କିପରି ରକ୍ଷା ପାଇପାରିବ ? ନୂତନ ନିୟମ ଅନୁସାରେ ଖ୍ରୀଷ୍ଟଙ୍କ ରକ୍ତ ସମସ୍ତଙ୍କ ନିମନ୍ତେ ଥରେ ପାତ ହୋଇଥିଲା, ଯେ କେହି ସେହି ରକ୍ତର ନିକଟବର୍ତ୍ତୀ ହୁଏ ସେ ଆପଣା ପାପ ଠାରୁ ଧୌତ ହୋଇପାରିବ ।

ମନୁଷ୍ୟ ନିଜେ ପାପୀ ହୋଇଥିବାରୁ ଆପଣାକୁ ଆପେ ରକ୍ଷା କରିପାରିବ ନାହିଁ । ତେଣୁ ପାଉଲ କହିଲେ,"ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି । (ରୋମୀ ୫:୮) ପୁନର୍ବାର ସେ (୧ମ କରି ୧୫:୩) ଖ୍ରୀଷ୍ଟ ଆମ୍ଭମାନଙ୍କ ପାପ ନିମନ୍ତେ କ୍ରୁଶୀୟ ମୃତ୍ୟୁ ଭୋଗିଲେ । (ଫିଲିପୀ ୨:୮) ତାହାଙ୍କ ଏହି ରକ୍ତପାତ ଦ୍ୱାରା ଆମ୍ଭେମାନେ ପାପ କ୍ଷମା ପାଇପାରିବା । ପ୍ରଶ୍ନ ହେଲା ଆମ୍ଭେମାନେ କିପରି ସେହି ରକ୍ତର ନିକଟବର୍ତ୍ତୀ ହୋଇପାରିବା ? ଅନେକ ଧାର୍ମିକ ବ୍ୟକ୍ତି ବିଶ୍ୱାସ ଦ୍ୱାରା ସେହି ରକ୍ତର ନିକଟବର୍ତ୍ତୀ ହୋଇପାରିବ ବୋଲି ଭାବନ୍ତି । ବିଶ୍ୱାସ ଆବଶ୍ୟକ, କିନ୍ତୁ କେବଳ ବିଶ୍ୱାସ ହିଁ ଯଥେଷ୍ଟ ନୁହେଁ, ବାଇବଲ ଅଧ୍ୟୟନ ଦ୍ୱାରା ଆମ୍ଭେମାନେ ଜାଣିପାରୁ ଯେ, ତାହାଙ୍କ ଆଜ୍ଞାବାହ ହୋଇ (ଏବ୍ରୀ ୫:୮-୯) ବାକ୍ୟର ପାଳନକାରୀ ହୋଇ ତାହାଙ୍କ ଆଜ୍ଞା ସବୁ ପାଳନ (ଯୋହ ୧୪:୧୫)

କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ । ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇପାରିବୁ ବୋଲି ଏଥିଦ୍ୱାରା ଜାଣିପାରୁ । ସେ ଆମ୍ଭମାନଙ୍କୁ କେଉଁ ଆଜ୍ଞାଗୁଡ଼ିକ ଦେଇଅଛନ୍ତି ? ତାହାଙ୍କ ଆଜ୍ଞାଗୁଡ଼ିକ ବାଇବଲ ଅଧ୍ୟୟନ ଦ୍ୱାରା ଜାଣିପାରିବା । ଯେପରି କି ସେ କହିଲେ, "ଯେ ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, କିନ୍ତୁ ଯେ ଅବିଶ୍ୱାସ କରେ ସେ ଦଣ୍ଡାଜ୍ଞା ପାଇବ ।" (ମାର୍କ ୧୬:୧୬) ଯେଣୁ ଯୀଶୁ କହିଲେ ଯେ କେହି ବିଶ୍ୱାସ କରି ବାପ୍ତିଜିତ ହୁଏ ସେ ପରିତ୍ରାଣ ପାଇବ, ଅର୍ଥାତ୍ ଏହି ଆଜ୍ଞା ପାଳନ କରିବା ଦ୍ୱାରା ତାହାଙ୍କ ନିକଟବର୍ତ୍ତୀ ହୋଇ ଆମ୍ଭେମାନେ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ପୁନର୍ବାର ପ୍ରେରିତ ପିତର ପାପମୟ ଜନସମାଜକୁ କହିଲେ, "ଆପଣମାନେ ମନ ପରିବର୍ତ୍ତନ କରନ୍ତୁ, ଆଉ ନିଜ ପାପକ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ, ତାହା ହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ।" (ପ୍ରେରିତ ୨:୩୮) ପାପକ୍ଷମା ପାଇବା ନିମନ୍ତେ ଜଣକୁ ବାପ୍ତିସ୍ମ ନେବାକୁ ହେବ ବୋଲି ଏହି ପଦରୁ ଜାଣିପାରୁ । ଖ୍ରୀଷ୍ଟ ଗୋଟିଏ ପରିପୂର୍ଣ୍ଣ ସଜୀବ ବଳିରୂପେ ଆପଣାକୁ ଉତ୍ସର୍ଗ କଲେ । ମନୁଷ୍ୟର ପାପକ୍ଷମା ନିମନ୍ତେ ସେ ଆପଣାକୁ ଉତ୍ସର୍ଗ କଲେ, ଆମ୍ଭେମାନେ ସେହି ରକ୍ତର ନିକଟବର୍ତ୍ତୀ ହେବା ଦ୍ୱାରା ପାପକ୍ଷମା ପାଇପାରୁଁ । ପାଉଲଙ୍କ ମନ ପରିବର୍ତ୍ତନକୁ ସମୟରେ, ପ୍ରଚାରକ ତାଙ୍କୁ ଆସି କହିଲେ, "ଆଉ ଏବେ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପ ସବୁ ଧୋଇପକାଅ ।" (ପ୍ରେରିତ ୨୨:୧୬) ତେବେ ବାପ୍ତିସ୍ମ ଆମ୍ଭମାନଙ୍କ ପାପ ସବୁ କିପରି ଧୋଇପାରିବ, ଜଳକୁ ପ୍ରାଧାନ୍ୟତା ଦିଆଯାଏ ନାହିଁ, କିନ୍ତୁ ପ୍ରାଧାନ୍ୟତା ତାହାଙ୍କ ଆଜ୍ଞା ପାଳନ କରିବାରେ ଦିଆଯାଇଅଛି । ତାହାଙ୍କ ଆଜ୍ଞା ପାଳନ କରିବା ଦ୍ୱାରା ଆମ୍ଭମାନଙ୍କ ପାପ ସବୁ ଧୌତ ହୁଏ ।

ରୋମୀୟ ୬:୩ରେ ଲେଖାଯାଏ, "ଆମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଯୀଶୁଙ୍କ ଠାରେ ବାପ୍ତିଜିତ ହୋଇଅଛୁଁ, ସମସ୍ତେ ଯେ ତାହାଙ୍କ ମରଣରେ ବାପ୍ତିଜିତ ହୋଇଅଛୁଁ, ଏହା କି ତୁମ୍ଭେମାନେ ଜାଣ ନାହିଁ ? ଅତଏବ ଆମ୍ଭେମାନେ 'ବାପ୍ତିସ୍ମ ଦ୍ୱାରା ମରଣରେ ତାହାଙ୍କ ସହିତ ସମାଧିପ୍ରାପ୍ତ ହୋଇଅଛୁଁ । ଯେପରି ଖ୍ରୀଷ୍ଟ ପିତାଙ୍କ ଗୌରବ ଦ୍ୱାରା ମୃତମାନଙ୍କ ମଧ୍ୟରୁ ଯେଉଁ ପ୍ରକାରେ ଉତ୍ଥିତ ହେଲେ ଆମ୍ଭେମାନେ ମଧ୍ୟ ସେହି ପ୍ରକାରେ ଜୀବନର ନୂତନ ଭାବରେ ଆଚରଣ କରୁଁ, କାରଣ ଯଦି ଆମ୍ଭେମାନେ ତାହାଙ୍କ ମୃତ୍ୟୁର ସାଦୃଶ୍ୟରେ ମୃତ୍ୟୁଭୋଗ କରି ତାହାଙ୍କ ସହିତ ଏକୀଭୂତ

ହୋଇଅଛୁଁ, ତାହା ହେଲେ ନିଶ୍ଚୟ ତାହାଙ୍କ ପୁନରୁତ୍ଥାନ ସାଦୃଶ୍ୟରେ ମଧ୍ୟ ଉତ୍ଥିତ ହୋଇ ତାହାଙ୍କ ସହିତ ଏକୀଭୂତ ହେବା ଯେପରି ଆମ୍ଭେମାନେ ଆଉ ପାପର ଦାସତ୍ୱରେ ନ ରହୁଁ, ଏଥିପାଇଁ ପାପର ଶରୀର ବିନଷ୍ଟ ହେବା ନିମନ୍ତେ ଆମ୍ଭମାନଙ୍କର ପୁରାତନ ସ୍ୱଭାବ ଯେ ତାହାଙ୍କ ସହିତ କ୍ରୁଶରେ ହତ ହୋଇଅଛି, ଏହା ତ' ଆମ୍ଭେମାନେ ଜାଣୁ।'' ଖ୍ରୀଷ୍ଟଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ମୃତ୍ୟୁର ନିକଟବର୍ତ୍ତୀ ହୋଇପାରିବା ଅଥବା ତାହାଙ୍କ ମୃତ୍ୟୁର ଲାଭ ଆମ୍ଭେମାନେ ପାଇପାରିବା । ଅନ୍ୟ ପକ୍ଷରେ କହିବାକୁ ଗଲେ ତାହାଙ୍କ ଆଜ୍ଞାବହ ହେବା ଦ୍ୱାରା ଆମ୍ଭେମାନେ ତାହାଙ୍କ ରକ୍ତର ନିକଟବର୍ତ୍ତୀ ହୋଇ ଆପଣା ଆପଣା ପାପରୁ ଧୌତ ହୋଇପାରିବା । ଏଫି ୧:୭ ଅନୁଯାୟୀ ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଅପରାଧ ସବୁର କ୍ଷମାପ୍ରାପ୍ତ ହୋଇଅଛୁଁ । ମାଥି ୨୬:୨୮ରେ ଖ୍ରୀଷ୍ଟ କହିଲେ ଯେ, ଆମ୍ଭମାନଙ୍କର ପାପକ୍ଷମା ନିମନ୍ତେ ତାହାଙ୍କ ରକ୍ତ ପାତିତ ହୋଇଅଛି । ଏହି ଉପର ଲିଖିତ ପଦଗୁଡ଼ିକ ସହିତ ପ୍ରେରି ୨:୩୮ ଏବଂ ମାଥି ୧୬:୧୬ରେ ଲିଖିତ ପଦଗୁଡ଼ିକ ସହିତ ସମ୍ମତ ହୁଏ । ଅତଏବ, ଆମ୍ଭେମାନେ ତାହାଙ୍କର ଏହି ଆଜ୍ଞାଗୁଡ଼ିକ ପାଳନ କରିବା ଦ୍ୱାରା ତାହାଙ୍କ ରକ୍ତ ନିକଟବର୍ତ୍ତୀ ହୋଇପାରିବା । ଏହାଛଡ଼ା ଆଉ କୌଣସି ମାର୍ଗ ନାହିଁ ।

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଅନ୍ୟ କେତେକ ବିଷୟ ଦେଖିବାକୁ ପାଇପାରୁ ।

୧) ନୂତନ ନିୟମ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ମୁଦ୍ରାଙ୍କନ ହୋଇଛି । (ମାଥି ୨୬:୨୮) ।

୨) ଖ୍ରୀଷ୍ଟଙ୍କ ରକ୍ତ, ଯିହୂଦୀ ଓ ବିଜାତୀୟମାନଙ୍କ ମଧ୍ୟରେ ଥିବା ବିଚ୍ଛେଦ ପ୍ରାଚୀର ଭାଙ୍ଗି ଦେଇଅଛି । (ଏଫି ୨:୧୩-୧୪)

୩) ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ଧାର୍ମିକ ଗଣିତ ହୋଇଅଛୁଁ । (ରୋମୀ ୫:୯)

୪) ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ମୁକ୍ତି ପାଇଅଛୁଁ । (କଲ ୧:୧୪)

୫) ତାହାଙ୍କ ରକ୍ତ ଦ୍ୱାରା ମଣ୍ଡଳୀ କ୍ରୀତ ହୋଇଅଛି । (ପ୍ରେରି ୨୦:୨୮)

୬) ତାହାଙ୍କ ରକ୍ତ ଦ୍ୱାରା ଶାନ୍ତି ସ୍ଥାପିତ ହୋଇଅଛି । (କଲ ୧:୨୦)

୭) ତାହାଙ୍କ ରକ୍ତ ଦ୍ୱାରା ପାପୀ ପରିତ୍ରାଣ ପାଏ । (୧ମ ପିତ ୧:୧୮-୧୯)

୮) ଖ୍ରୀଷ୍ଟଙ୍କ ରକ୍ତ ସମସ୍ତ ପାପ ଧୌତ କରେ । (୧ମ ଯୋହ ୧:୭)

୯) ତାହାଙ୍କ ରକ୍ତ ଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ପାପଠାରୁ ଧୌତ ହୋଇଅଛୁ । (ପ୍ରକା ୧:୫)

୦) ସେହି ମେଷଶାବକଙ୍କ ରକ୍ତ ଦ୍ୱାରା ବସ୍ତ୍ରଗୁଡ଼ିକ ଧୌତ ହୋଇଅଛି । (ପ୍ରକା

୭:୧୪)
୧୧) ପ୍ରଭୁଭୋଜ ନେବା ସମୟରେ ଆମ୍ଭେମାନେ ତାହାଙ୍କ ରକ୍ତ ସ୍ମରଣ କରୁ ।
(ମାଥି ୨୬:୨୬-୨୮)

ଖ୍ରୀଷ୍ଟଙ୍କ ରକ୍ତ ସମ୍ବନ୍ଧରେ ଆପଣଙ୍କ ଉଦ୍ଦେଶ୍ୟ କ'ଣ ? ତାହାର ନିକଟବର୍ତ୍ତୀ ହେବା ନିମନ୍ତେ ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇଅଛନ୍ତି କି ? ଯଦି ନୁହେଁ, ଆପଣ ଏବେ ମଧ୍ୟ ଆପଣା ପାପରେ ରହିଅଛନ୍ତି । ଆପଣ ଖ୍ରୀଷ୍ଟଙ୍କ ଆଜ୍ଞାବହ ହୋଇ ସେହି ରକ୍ତର ନିକଟବର୍ତ୍ତୀ ହେଲେ ପରିତ୍ରାଣ ପ୍ରାପ୍ତ ହେବେ । ତତ୍ପରେ ତାହାଙ୍କ ରକ୍ତକ୍ରୀତ ମଣ୍ଡଳୀରେ ସଂଯୁକ୍ତ ହୋଇପାରିବେ । ଜଣେ ପ୍ରକୃତ ଖ୍ରୀଷ୍ଟିୟାନସ୍ୱରୂପ ପ୍ରତ୍ୟେକ ସପ୍ତାହ ପ୍ରଭୁଭୋଜ ନେବା ସମୟରେ ଖ୍ରୀଷ୍ଟଙ୍କ ରକ୍ତ ସ୍ମରଣ କରି ପାରିବେ । ସେ ଜ୍ୟୋତିର୍ନିବାସ ହୋଇଥିବାରୁ ଆପଣ ମଧ୍ୟ ଜ୍ୟୋତିରେ ଗମନ କଲେ, ଖ୍ରୀଷ୍ଟଙ୍କ ରକ୍ତ ଅପାଣଙ୍କର ସମସ୍ତ ପାପ ଧୌତ କରି ସମସ୍ତ ଦୁଷ୍ଟତାରୁ ପବିତ୍ର କରି ଆପଣଙ୍କୁ ଅନନ୍ତ ଜୀବନରୂପକ ପୁରସ୍କାର ନିମନ୍ତେ ସାଇତି ରଖିବେ । ପ୍ରକୃତ ଖ୍ରୀଷ୍ଟଙ୍କ ରକ୍ତରେ ଶକ୍ତି ଅଛି ।

**- J.C. Choate**

❋❋❋

# ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?

ପୁରାକାଳରେ ମୁଦ୍ରାର ଆବିଷ୍କାର ପୂର୍ବେ ଜିନିଷ ବିନିମୟର ପ୍ରଥା (Barter System) ପ୍ରଚଳିତ ଥିଲା । ଲୋକେ ଆପଣା ଉତ୍ପାଦିତ ପଦାର୍ଥ ବିନିମୟରେ ଆପଣା ଆବଶ୍ୟକୀୟ ପଦାର୍ଥ କିଣୁ ଥିଲେ । କାରଣ ସେତେବେଳେ ମୁଦ୍ରାର ପ୍ରଚଳନ ନଥିଲା । ଏ ବିଶ୍ୱ ଓ ଜଗତର ପ୍ରତ୍ୟେକ ଜୀବନ ସୃଷ୍ଟିକର୍ତ୍ତା ପରମେଶ୍ୱରଙ୍କ ଦ୍ୱାରା ସୃଷ୍ଟ । ପୃଥିବୀରେ ମନୁଷ୍ୟମାନଙ୍କ ଦୈନିକ ଆବଶ୍ୟକୀୟ ଅନେକ ବସ୍ତୁ ପ୍ରତିଦିନ ଉତ୍ପାଦିତ ହେଉଅଛି । ବାକ୍ୟ କହେ, "ସେହିଦିନ (ଅର୍ଥାତ୍ ଶେଷ ଦିନରେ) ଆକାଶ ମଣ୍ଡଳ ମହାଶବ୍ଦ ସହ ଲୋପ ପାଇବ, ପୁଣି ମୌଳିକ ବସ୍ତୁସବୁ ପ୍ରଚଣ୍ଡ ଉତ୍ତାପରେ ତରଳିଯିବ ଏବଂ ପୃଥିବୀ ଓ ତନ୍ମଧ୍ୟସ୍ଥ ମନୁଷ୍ୟକୃତ ବସ୍ତୁସବୁ ଦଗ୍ଧ ହେବ ।" (୨ ପିତର ୨:୧୦) । ବିଚାର ଦିନରେ ଆକାଶମଣ୍ଡଳ, ପୃଥିବୀ ଓ ପୃଥିବୀସ୍ଥ ସମସ୍ତ ବିନଷ୍ଟ ହେବ, କିନ୍ତୁ ମନୁଷ୍ୟର ଆତ୍ମାର ବିନାଶ ନାହିଁ । ଜଗତ୍‌ସ୍ରଷ୍ଟାବଧି ପ୍ରତ୍ୟେକ ମନୁଷ୍ୟର

ଆତ୍ମା ବିଚାରକର୍ତ୍ତାଙ୍କ ସିଂହାସନ ସମ୍ମୁଖରେ ଉପସ୍ଥିତ ହେବେ । ପ୍ରେରିତ ପାଉଲ କହନ୍ତି,"......ଦୃଶ୍ୟ ବିଷୟ କ୍ଷଣକାଳ ସ୍ଥାୟୀ, କିନ୍ତୁ ଅଦୃଶ୍ୟ ବିଷୟ ଅନନ୍ତକାଳସ୍ଥାୟୀ ।" (୨ କରିନ୍ଥୀ ୪:୧୮) ମନୁଷ୍ୟର ଆତ୍ମା ଓ ପ୍ରାଣ ବହୁମୂଲ୍ୟ । ମନୁଷ୍ୟର ଆତ୍ମା ନିମନ୍ତେ ପ୍ରେମମୟ ପିତା ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତକୁ ପ୍ରେରଣ କରିଥିଲେ । ଯୀଶୁ କହିଲେ, "ଆଉ ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳରେ କଅଣ ଦେବ ?" (ମାଥିଉ ୧୬:୨୬) । ଏହି ଜଗତରେ ମନୁଷ୍ୟର ଜୀବନର ଅଧିକ ମୂଲ୍ୟବାନ ବିଷୟ କିଛି ନାହିଁ । ମନୁଷ୍ୟର ଜୀବନ ବ୍ୟତୀତ ଏହି ଜଗତର ସମସ୍ତ ବିଷୟ ଶେଷଦିନରେ ଅଗ୍ନିରେ ବିନଷ୍ଟ ହେବ ।

କିନ୍ତୁ ମନୁଷ୍ୟ ଆପଣା ବହୁମୂଲ୍ୟ ଆତ୍ମାର ପରିତ୍ରାଣ ନିମନ୍ତେ ବ୍ୟସ୍ତ ନ ରହି, ଏହି ଜାଗତିକ ସୁଖ, ଅଭିଳାଷ ନିମନ୍ତେ ଆପଣା ସମୟ ବିତାଇବାରେ ବ୍ୟସ୍ତ । ସଦାପ୍ରଭୁ କହନ୍ତି,"ହେ ତୃଷିତ ଲୋକ ସକଳ, ତୁମ୍ଭେମାନେ ଜଳ ନିକଟକୁ ଆସ, ପୁଣି ଯାହାର କିଛି ଅର୍ଥ ନାହିଁ ସେ ଆସୁ, ତୁମ୍ଭେମାନେ ଆସ, କିଣ ଓ ଭୋଜନ କର, ହଁ, ଆସ, ଅର୍ଥ ଓ ମୂଲ୍ୟ ବିନା ଦ୍ରାକ୍ଷାରସ ଓ ଦୁଗ୍ଧ କିଣ । ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ଅପବ୍ୟୟ କରୁଅଛ ? ଓ ଯାହା ତୃପ୍ତିକର ନୁହେଁ, ତହିଁ ପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ ? "...କର୍ଣ୍ଣ ଡେର ଓ ଆମ୍ଭ ନିକଟକୁ ଆସ, ଶୁଣ, ତହିଁରେ ତୁମ୍ଭମାନଙ୍କର ପ୍ରାଣ ବଞ୍ଚିବ ।" (ଯିଶାଇୟ ୫୫:୧-୩)

ଆମ୍ଭମାନଙ୍କ ଆଦିପିତାମାତା ଉଦନ ଉଦ୍ୟାନରେ ନିଷେଧ ଫଳ ଖାଇ ଅନନ୍ତ ଜୀବନ ହରାଇ ଥିଲେ । "ସଦାପ୍ରଭୁ ପରମେଶ୍ୱର ସେହି ମନୁଷ୍ୟକୁ ଆଜ୍ଞା ଦେଇ କହିଲେ, ତୁମ୍ଭେ ଉଦ୍ୟାନର ସମସ୍ତ ବୃକ୍ଷର ଫଳ ସ୍ୱଇଚ୍ଛାରେ ଭୋଜନ କରିପାର, ମାତ୍ର ସତସର ଜ୍ଞାନଦାୟକ ବୃକ୍ଷର ଫଳ ଭୋଜନ କରିବ ନାହିଁ । ଯେହେତୁ ଯେଉଁଦିନ ତାହା ଖାଇବ ସେହିଦିନ ନିତାନ୍ତ ମରିବ ।" (ଆଦି ୨:୧୬-୧୭) କିନ୍ତୁ ସ୍ୱର୍ପର ଖଳତା ଯୋଗୁଁ ସେମାନେ ନିଷେଧିତ ଫଳ ଖାଇ ଅଭିଶପ୍ତ ହେଲେ । (ଆଦି ୩ୟ ପର୍ବ) ପ୍ରଭୁଯୀଶୁ କହନ୍ତି,"ମନୁଷ୍ୟ ଆପଣା ଜୀବନ ବଦଳେ କଅଣ ଦେବ ?" ଆଦମ ଓ ହବା ଉଦ୍ୟାନର ଫଳ ବଦଳରେ ଆପଣା ଜୀବନ ହରାଇଥିଲେ ।

ଅବ୍ରାହମଙ୍କ ପୌତ୍ର ଏଷୌ ମୃଗୟା ନିପୁଣ ଓ ବନବିହାରୀ କିନ୍ତୁ ଯାକୁବ ମୃଦୁ ମନୁଷ୍ୟ ଓ ତମ୍ବୁବାସୀ ଥିଲେ । ଦିନେ ଯାକୁବ ଡ଼ାଲି ରାନ୍ଧୁଥିବା ସମୟରେ ଏଷୌ କ୍ଳାନ୍ତ ହୋଇ କ୍ଷେତ୍ରରୁ ଆସି, ତାହାଙ୍କୁ ରଙ୍ଗା ଡାଲି ଦେଇ ଭୋଜନ କରାଇବାକୁ

ଅନୁରୋଧ କହିଲେ । କିନ୍ତୁ ଯାକୁବ କହିଲେ,"........ଆଜି ତୁମ୍ଭେ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କର, ଏଷୌ ଉତ୍ତର କଲା ଦେଖ ମୁଁ ମଲା ପରେ ଜ୍ୟେଷ୍ଠାଧିକାରରେ ମୋର କି ଲାଭ....... ? ଏହି ରୂପେ ସେ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟ କରିଦେଲା ।" (ଆଦି ୨୫:୩୧-୩୩) । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି,"........ଗୋଟିଏ ଥରକର ଖାଦ୍ୟ ନିମନ୍ତେ ଆପଣା ଜ୍ୟେଷ୍ଠାଧିକାର ବିକ୍ରୟକାରୀ ଯେ ଏଷୌ, ତାହାପରି ଅଧର୍ମାଚାରୀ ହୁଏ, ଏ ବିଷୟରେ ଅତି ଜାଗ୍ରତ ହୁଅ । ତୁମ୍ଭେମାନେ ତ' ଜାଣ ଯେ, ପରେ ସେ ଆଶୀର୍ବାଦର ଅଧିକାରୀ ହେବା ନିମନ୍ତେ ଇଚ୍ଛା କଲେ ସୁଦ୍ଧା, ଅଗ୍ରାହ୍ୟ......." (ଏବ୍ରୀ ୧୨:୧୭) । ଏଷୌ ରଙ୍ଗଡାଲି ନିମନ୍ତେ ଆଶୀର୍ବାଦର ଅଧିକାରୀ ହୋଇପାରିଲେ ନାହିଁ ।

ଆପଣାର ଏକ ବନ୍ଦୀ ଇଶ୍ରାଏଲୀୟ ବାଳିକା ଦାସୀର ନିର୍ଦ୍ଦେଶନାରେ, ଅରାମୀୟ ଦେଶର ସେନାପତି କୁଷ୍ଠରୋଗରୁ ମୁକ୍ତ ହେବା ନିମନ୍ତେ ଭାବବାଦୀ ଇଲୀଶାୟଙ୍କ ନିକଟରେ ଉପସ୍ଥିତ ହେଲେ । ଇଲିଶାୟଙ୍କ ଯର୍ଦ୍ଦନ ନଦୀରେ ସାତଥର ସ୍ନାନ କରିବାର ଆଜ୍ଞାରେ ନମାନ୍ ଅସନ୍ତୁଷ୍ଟ ହେଲେ ହେଁ, ଆପଣା ଦାସମାନଙ୍କ ଅନୁରୋଧରେ ଯର୍ଦ୍ଦନନଦୀରେ ସାତଥର ସ୍ନାନ କରି ସେ ସୁସ୍ଥତା ପ୍ରାପ୍ତ ହେଲେ । ସେ ସୁସ୍ଥତା ଲାଭ କରି ଅତି ଆନନ୍ଦରେ ଫେରି ଆସି ଭାବବାଦୀଙ୍କୁ ଅନେକ ଉପହାର ଗ୍ରହଣ କରିବାକୁ ଅନୁରୋଧ କଲେ । ତାହାଙ୍କ ଦତ୍ତ ଉପହାର ଭାବବାଦୀ ଅଗ୍ରାହ୍ୟ କଲେ, କିନ୍ତୁ ତାହାଙ୍କ ଦାସ ଗିହେଜୀ, "...........ନାମାନର ପଛେ ପଛେ ଗଲା..........ମୋ ପ୍ରଭୁ ମୋତେ ପଠାଇ ଅଛନ୍ତି, ଦେଖ, ଏହିକ୍ଷଣି ଇଫ୍ରୟିମର ପର୍ବତମୟ ଦେଶରୁ ଭବିଷ୍ୟଦ୍‌ବକ୍ତାଗଣର ପୁତ୍ରମାନଙ୍କ ମଧ୍ୟରୁ ଦୁଇଯୁବା ଲୋକ ଆସିଲେ, ମୁଁ ବିନୟ କରୁଅଛି, ସେମାନଙ୍କୁ ଏକ ତାଳନ୍ତ ରୂପା ଓ ଦୁଇ ସାଜ ପୋଷାକ ଦିଅ । ..........ତହିଁରେ ଇଲୀଶାୟ ତାହାଙ୍କୁ ପଚାରିଲେ, ଗିହେଜୀ ତୁମ୍ଭେ କେଉଁଠାରୁ ଆସିଲ ? ତହୁଁ ସେ କହିଲା, ଆପଣଙ୍କ ଦାସ କେଉଁଠାକୁ ଯାଇନାହିଁ ।.....ସେ ଲୋକତୁମ୍ଭକୁ ଭେଟିବା ପାଇଁ ଯେତେବେଳେ ଆସିଲା, ସେତେବେଳେ ମୋହର ଅନ୍ତଃକରଣ କି ତୁମ୍ଭ ସାଙ୍ଗରେ ଯାଇନଥିଲା ? .........ଏହେତୁ ନାମନର କୁଷ୍ଠରୋଗ ତୁମ୍ଭଠାରେ ଓ ତୁମ୍ଭ ବଂଶରେ ସଦାକାଳ ରହିବ.........." (ଦ୍ୱିତୀୟ ରାଜାବଳୀ ୫:୨୦-୨୭) ଗିହେଜୀ ଏକ ତାଳନ୍ତ ରୂପା ଓ ଦୁଇ ସାନ ପୋଷାକ ବିନିମୟରେ କୁଷ୍ଠରୋଗ ପ୍ରାପ୍ତ ହେଲେ ।

ପତିତ ଯିରୀହୋ ନଗରକୁ ସମ୍ପୂର୍ଣ୍ଣଭାବେ ବର୍ଜ୍ଜିତ ହେବା ନିମନ୍ତେ ଓ ସୁନା,

ରୂପା, ପିତ୍ତଳ, ଲୁହା ମନ୍ଦିରର ଭଣ୍ଡାରରେ ଗୃହୀତ ହେବା ନିମନ୍ତେସଦାପ୍ରଭୁଙ୍କ ଆଜ୍ଞା ଥିବା ସତ୍ତ୍ୱେ, ଅଖାନ୍ ଲୁଟିତ ଦ୍ରବ୍ୟକୁ ଖଣ୍ଡିଏ ବାବିଲୀୟ ବସ୍ତ୍ର, ଦୁଇଶ ଶେକଲ ରୂପା ଓ ପଚାଶ ଶେକଲ ସୁନାମୁଣ୍ଡା ଦେଖି ଲୋଭ କରି ଆପଣା ତମ୍ବୁରେ ଲୁଚାଇ ରଖିଲେ । ଆଖାନ୍‌ଙ୍କ ଏହି କାର୍ଯ୍ୟ ସକାଶୁ ଇଶ୍ରାଏଲ ସୈନ୍ୟ ଅୟନଗରବାସୀଙ୍କ ଦ୍ୱାରା ପରାସ୍ତ ହେଲେ । ପରିବାରବର୍ଗ, ଗୋରୁ, ଗଧ, ମେଣ୍ଢା ଓ ତମ୍ବୁ ଓ ତାହାଙ୍କ ଲୁଟିତ ଦ୍ରବ୍ୟ ଅଗ୍ନିରେ ଦଗ୍ଧ ହେଲା । (ଯିହୋଶୂୟ ୭ମ ଅଧ୍ୟାୟ ପଢ଼ନ୍ତୁ)

ଯୀଶୁ କହିଲେ,‘‘ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ଆପଣା ଜୀବନ ହରାଏ, ତେବେ ତାହାର କି ଲାଭ ? କିମ୍ବା ମନୁଷ୍ୟ ଆପଣା ଜୀବନ ବଦଳେ କଅଣ ଦେବ ?’’ (ମାଥିଉ ୧୬:୨୬)

**- Kabita Gootam**

❋❋❋

# କର୍ତ୍ତବ୍ୟଶୀଳ

## (Learning to be Responsible)

ଉପଦେଶକ ଆପଣା ଲେଖନୀର ଶେଷରେ କହନ୍ତି,‘‘ସାରକଥା ଏହି, ସବୁ ଶୁଣାଯାଇଅଛି, ପରମେଶ୍ୱରଙ୍କୁ ଭୟ କର ଓ ତାହାଙ୍କର ଆଜ୍ଞାସବୁ ପାଳନ କର, କାରଣ ଏହା ହିଁ ମନୁଷ୍ୟର ପୂର୍ଣ୍ଣ କର୍ତ୍ତବ୍ୟ କର୍ମ । ଯେହେତୁ ପରମେଶ୍ୱର ପ୍ରତ୍ୟେକ କର୍ମ, ପୁଣି ଭଲ କି ମନ୍ଦ ପ୍ରତ୍ୟେକ ଗୁପ୍ତ ବିଷୟ ବିଚାରରେ ଆଣିବେ ।’’ (ଉପଦେଶକ ୧୨:୧୩,୧୪) । ଆମ୍ଭମାନଙ୍କ କୃତ ପ୍ରତ୍ୟେକ କର୍ମ ବିଷୟରେ ଆମ୍ଭମାନଙ୍କୁ ପରମେଶ୍ୱରଙ୍କୁ ହିସାବ ଦେବାକୁ ହେବ । ଜଗତର ଅନ୍ୟ ଜୀବଜନ୍ତୁ ବିଚାର ଦିନରେ ପରମେଶ୍ୱରଙ୍କ ଛାମୁରେ ହିସାବ ଦେବାର ଆବଶ୍ୟକତା ନାହିଁ । କିନ୍ତୁ ମନୁଷ୍ୟ ପରମେଶ୍ୱରଙ୍କ ପ୍ରତିମୂର୍ତ୍ତୀରେ ସୃଷ୍ଟି ହୋଇଥିବାରୁ, ଭଲମନ୍ଦର ଜ୍ଞାନଯୁକ୍ତ ପ୍ରାଣୀ ହୋଇଥିବାରୁ, ତାହାର କର୍ମ ସକାଶୁ ସେ ପରମେଶ୍ୱରଙ୍କ ବିଚାର ସିଂହାସନ ସମ୍ମୁଖରେ ଉପସ୍ଥିତ ହେବ । ମନୁଷ୍ୟମାନଙ୍କ ଶରୀର କ୍ଷଣସ୍ଥାୟୀ କିନ୍ତୁ ଆତ୍ମା ନିତ୍ୟଜୀବି । ଆମ୍ଭେମାନେ ପରମେଶ୍ୱରଙ୍କ ସାଦୃଶ୍ୟରେ ସୃଷ୍ଟ ହୋଇଥିବାରୁ, ତାହାଙ୍କ ସଦୃଶ୍ୟ ନିତ୍ୟଜୀବି ଅଟୁ । ଆମ୍ଭେମାନେ କେବେ ବି ଅସ୍ତିତ୍ୱ ହରାଇବୁ ନାହିଁ । ଦୁର୍ଘଟଣା,

ରୋଗ, ବୃଦ୍ଧାବସ୍ଥା ଆମ୍ଭମାନଙ୍କ ଶରୀରକୁ ନଷ୍ଟ କରିପାରେ, କିନ୍ତୁ ଆତ୍ମାକୁ ନୁହେଁ । ଏହି ଜଗତରେ ଜୀବନଯାପନ ଦ୍ୱାରା ଆମ୍ଭେମାନେ ମରଣ ପରେ କେଉଁସ୍ଥାନକୁ ଯିବୁ ତାହା ନିର୍ଣ୍ଣିତ ହୋଇଥାଏ । ମରଣ ପରେ ପୁନର୍ବାର ଏହି ଜଗତରେ ଆମ୍ଭେମାନେ ପୁନଃଜନ୍ମ ଗ୍ରହଣ କରିବୁ ନାହିଁ, କାରଣ ବାକ୍ୟ କହେ ମନୁଷ୍ୟ ଥରେ ମାତ୍ର ମୃତ୍ୟୁ ଭୋଗିବ, ତା'ପରେ ବିଚାର (ଏବ୍ରୀ ୯:୨୭) ମନୁଷ୍ୟର ମୃତ୍ୟୁ ପରେ,ମ ନୁଷ୍ୟର ଆତ୍ମା କେବଳ ଦୁଇଟି ସ୍ଥାନରେ ବାସ କରିପାରେ । ଯାହାର ନାମ ସ୍ୱର୍ଗ ଓ ନରକ ଅଟେ । ଦୁଷ୍ଟ ଓ ପରିତ୍ରାଣପ୍ରାପ୍ତ ହେବା ଲୋକମାନଙ୍କ ବିଷୟରେ ପ୍ରଭୁ କହନ୍ତି,"ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ ।" (ମାଥିଉ ୨୫:୪୬)

ଖ୍ରୀଷ୍ଟ ଆମ୍ଭମାନଙ୍କ ଆଦର୍ଶ । ବାକ୍ୟ କହେ, "ଏଥିନିମନ୍ତେ ତୁମ୍ଭେମାନେ ଆହୂତ ହୋଇଅଛ । କାରଣ ତୁମ୍ଭେମାନେ ଯେପରି ଖ୍ରୀଷ୍ଟଙ୍କର ପଦଚିହ୍ନ ଦେଇ ଗମନ କର, ସେଥିପାଇଁ ସେ ମଧ୍ୟ ତୁମ୍ଭମାନଙ୍କ ନିମନ୍ତେ ଦୁଃଖଭୋଗ କରି ତୁମ୍ଭମାନଙ୍କୁ ଗୋଟିଏ ଆଦର୍ଶ ଦେଖାଇ ଦେଇଯାଇଛନ୍ତି ।" (୧ମ ପିତର ୨:୨୧) ଖ୍ରୀଷ୍ଟ ଆପଣା ଜୀବନରେ କିପରି କର୍ତ୍ତବ୍ୟ ସାଧନ କରିଥିଲେ, ତାହାଙ୍କ ଜୀବନୀରୁ ପଢ଼ିପାରୁ । ବାଲ୍ୟାବସ୍ଥାରେ ଯୀଶୁଖ୍ରୀଷ୍ଟ ଆପଣାମ ।ତାଙ୍କୁ କହିଥିଲେ,"..........ମୋହର ପିତାଙ୍କ ଗୃହରେ ରହିବା ଯେ ମୋହର କର୍ତ୍ତବ୍ୟ, ଏହା କଅଣ ଜାଣିନଥିଲ ? (ଲୂକ ୨:୪୪) । ବାପ୍ତିଜକ ଯୋନ ଯେତେବେଳେ ତାହାଙ୍କୁ ବାପ୍ତିସ୍ମ ଦେବାକୁ ମନା କରିଥିଲେ, ସେତେବେଳେ ସେ ତାହାଙ୍କୁ କହିଲେ,".........ଏବେ ସମ୍ମତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ........." (ମାଥିଉ ୩:୧୫) ଖ୍ରୀଷ୍ଟ ଯଦିଓ ଈଶ୍ୱର ଅଟନ୍ତି, ଐଶ୍ୱରିକତ୍ୱ ତ୍ୟାଗ କରି ଦାସରୂପ ଧାରଣ କରି ଆମ୍ଭମାନଙ୍କ ମୁକ୍ତି ନିମନ୍ତେ ଏହି ଜଗତରେ ଅବତରଣ କରିଥିଲେ, କାରଣ ମନୁଷ୍ୟ ଆପଣାକୁ ଆପେ ପାପରୁ ମୁକ୍ତି ପାଇବା ଅସମ୍ଭବ । ସମସ୍ତେ ତ ପାପ କରି, ପରମେଶ୍ୱରଙ୍କ ଅନୁଗ୍ରହରୁ ପତିତ ହୋଇଅଛନ୍ତି । ଖ୍ରୀଷ୍ଟ, କ୍ଲେଶ ଭୋଗ ଦ୍ୱାରା ଆଜ୍ଞାବହତା ଶିକ୍ଷା କରିଥିଲେ ବୋଲି ଏବ୍ରୀ ୫:୮ ପଦରେ ପଢ଼ିପାରୁ । ବିନଷ୍ଟ ହୋଇଯାଉଥିବା ମାନବ ଜାତି ନିମନ୍ତେ ତାହାଙ୍କ ଆବଶ୍ୟକତା ବୁଝି, ସେ ସ୍ୱର୍ଗ ତ୍ୟାଗ କରି ପୃଥିବୀରେ ଅବତରଣ କରିଥିଲେ । ନିଜର ନୁହଁ । କାରଣ ତୁମ୍ଭେମାନେ ବିଶେଷ ମୂଲ୍ୟରେ କିଣାଯାଇଅଛ, ଏଣୁ ତୁମ୍ଭମାନଙ୍କ ଶରୀରରେ ଈଶ୍ୱରଙ୍କ ଗୌରବ ପ୍ରକାଶ କର ।" (୧ମ କରିନ୍ଥୀ ୬:୧୯,୨୦) ଆପଣଙ୍କ ଅଙ୍ଗପ୍ରତ୍ୟଙ୍ଗ କିପରି

ବ୍ୟବହାର କରୁଅଛ ? ତୀମଥିଙ୍କୁ ପାଉଲ କହନ୍ତି,"..........ଈଶ୍ୱରଙ୍କ ନିକଟରେ ଆପଣାକୁ ପରୀକ୍ଷାସିଦ୍ଧ ଦେଖାଇବାକୁ ଯତ୍ନ କର ।" (୨ ତୀମଥି ୨:୧୫) । ଆପଣଙ୍କ କାର୍ଯ୍ୟକଳାପ, କଥାବାର୍ତ୍ତା, ଆଚାରବ୍ୟବହାର, ଅଭ୍ୟାସ ପରମେଶ୍ୱରଙ୍କ ନିକଟରେ ପରୀକ୍ଷାସିଦ୍ଧ କି ? ବିଚାର ଦିନରେ ଆମ୍ଭମାନଙ୍କ ଶରୀର ଦ୍ୱାରା କରାଯାଇଥିବା କର୍ମ ଦ୍ୱାରା ଆମ୍ଭେମାନେ ବିଚାରିତ ହେବା । ଆମ୍ଭମାନଙ୍କ ଶରୀର ଓ ଆତ୍ମାର ଦାୟିତ୍ୱ ଆମ୍ଭମାନଙ୍କ ହାତରେ ଅଛି । ଖ୍ରୀଷ୍ଟ କହିଲେ, "ଆଉ, ମନୁଷ୍ୟ ଯେବେ ସମସ୍ତ ଜଗତ ଲାଭ କରି ନିଜ ଜୀବନ ହରାଏ, ତେବେ ତାହାର କି ଲାଭ ?" (ମାର୍କ ୮:୩୬)

ପରମେଶ୍ୱରଙ୍କ ଦତ୍ତ ଆମ୍ଭମାନଙ୍କ ସନ୍ତାନସନ୍ତତିମାନଙ୍କ ଭଲମନ୍ଦର ଦାୟିତ୍ୱ ଆମ୍ଭମାନଙ୍କୁ ଦତ୍ତ ହୋଇଅଛି । ପରମେଶ୍ୱରଙ୍କ ଭୟ ଓ ଜ୍ଞାନରେ ସନ୍ତାନମାନଙ୍କୁ ଲାଳନପାଳନ କରିବା ପିତାମାତାଙ୍କ କର୍ତ୍ତବ୍ୟ । ସନ୍ତାନ ସନ୍ତତିମାନେ ଯେପରି ଦୈନିକ ବାକ୍ୟାଧ୍ୟାନ କରନ୍ତି, ବାଇବଲ କ୍ଲାସରେ ଯୋଗ ଦିଅନ୍ତି ଓ ମଣ୍ଡଳୀର ଉପାସନାରେ ନିୟମିତ ଭାଗେ ଯୋଗ ଦିଅନ୍ତି ଏ ବିଷୟରେ ପିତାମାତା ଧ୍ୟାନ ଦେବା ଆବଶ୍ୟକ । ଠିକ୍ ସେହିପରି, ସନ୍ତାନସନ୍ତତିମାନେ ପିତାମାତାମାନଙ୍କ ଆଜ୍ଞାବହ ହୋଇ ସମ୍ମାନିତ କରିବା ଆବଶ୍ୟକ । (ଏଫିସୀ ୬:୧,୨)

ସ୍ୱାମୀ ଓ ଭାର୍ଯ୍ୟା ପ୍ରତ୍ୟେକେ ପରସ୍ପରର ଭାର ବୋହିବା ଆବଶ୍ୟକ । ବାକ୍ୟ କହେ, "ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ, କାରଣ ଖ୍ରୀଷ୍ଟ ଯେପରି ମଣ୍ଡଳୀର ମସ୍ତକ ସ୍ୱରୂପ, ସ୍ୱାମୀ ମଧ୍ୟ ସ୍ତ୍ରୀର ମସ୍ତକ ସ୍ୱରୂପ, ପୁଣି ଖ୍ରୀଷ୍ଟ ଆପଣା ଶରୀର ରୂପ ମଣ୍ଡଳୀର ତ୍ରାଣକର୍ତ୍ତା । ହଁ, ମଣ୍ଡଳୀ ଯେପରି କ୍ରୁଶରେ ହତ ହୋଇ କ୍ଳେଶ ଭୋଗ କରିବା ସମୟରେ, ଆପଣା ମାତାଙ୍କ ପ୍ରତି ଦୟାବହି ଯୋହନଙ୍କୁ ଦର୍ଶାଇ କହିଲେ, "..........ଦେଖ, ତୁମ୍ଭର ପୁତ୍ର, ତତ୍ପରେ ସେ ସେହି ଶିଷ୍ୟଙ୍କୁ କହିଲେ, ଦେଖ, ତୁମ୍ଭର ମାତା...........।" (ଯୋହନ ୧୯:୨୬,୨୭) ମରିୟମଙ୍କ ବୃଦ୍ଧାବସ୍ଥାରେ, ତାହାଙ୍କର ତତ୍ତ୍ୱବଧାନ ନିମନ୍ତେ କର୍ତ୍ତବ୍ୟଶୀଳ ଯୀଶୁ, ଯୋହନଙ୍କୁ ଆପଣା ମାତାର ତତ୍ତ୍ୱାବଧାନର ଭାର ସମର୍ପି ଥିଲେ । ତାହାଙ୍କ ବିଷୟରେ ବାକ୍ୟ କହେ, "ଆଉ, ଯୀଶୁ ଜ୍ଞାନରେ ଓ ଶରୀରରେ ପୁଣି ଈଶ୍ୱରଙ୍କ ଓ ମନୁଷ୍ୟମାନଙ୍କ ଅନୁଗ୍ରହରେ ବୃଦ୍ଧି ପାଇଲେ ।" (ଲୂକ ୨:୫୨)

ପରମେଶ୍ୱରଙ୍କ ପ୍ରତି ଓ ମନୁଷ୍ୟ ସମାଜ ପ୍ରତି ଆପଣଙ୍କ କର୍ତ୍ତବ୍ୟ କଅଣ ଆପଣ କି ବୁଝିପାରିଅଛନ୍ତି ? ତାହାଙ୍କ ବିଚାର ସିଂହାସନରେ ଉପସ୍ଥିତ ହେବାକୁ ଯାଉଛି ଯେ ଆପଣ, ଆପଣ କି ପ୍ରସ୍ତୁତ ଅଟନ୍ତି ? ସର୍ବପ୍ରଥମେ ତାହାଙ୍କ ରାଜ୍ୟ ଓ

ନୀତି ଅନ୍ୱେଷଣ କରିବା ନିମନ୍ତେ ସେ ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି । ଅର୍ଥାତ୍ ପରମେଶ୍ୱରଙ୍କ ଇଚ୍ଛାପାଳନ ଆମ୍ଭମାନଙ୍କ ସର୍ବପ୍ରଥମ କର୍ତ୍ତବ୍ୟ ହେଉ । ଆମ୍ଭେମାନେ କରିବାକୁ ଯାଉଥିବା ପ୍ରତ୍ୟେକ କାର୍ଯ୍ୟ ପରମେଶ୍ୱରଙ୍କ ତୁଷ୍ଟ କି ନୁହେଁ ପ୍ରଥମେ ବୁଝିବା ଆବଶ୍ୟକ । ଈଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପରିତ୍ରାଣ ନିମନ୍ତେ ଦୁଃଖ ଭୋଗିଲେ ଏହା ବିଶ୍ୱାସ କରି, ଆପଣା ଆପଣା ପାପରୁ ମନ ପରିବର୍ତ୍ତନ କରି, ପାପକ୍ଷମା ନିମନ୍ତେ ବାପ୍ତିସ୍ମ ଗ୍ରହଣ କରିବା, ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଲୋଡ଼ନ୍ତି । (ଯୋହନ ୩:୧୬, ୧ମ ଯୋହନ ୪:୧୦, ୨ କରିନ୍ଥୀ ୫:୨୧, ପ୍ରେରିତ ୮:୩୬-୩୯)

ଆମ୍ଭମାନଙ୍କ କାର୍ଯ୍ୟକଳାପ ନିମନ୍ତେ ଆମ୍ଭେମାନେ ଦାୟୀ । କରିନ୍ଥୀୟ ମଣ୍ଡଳୀକୁ ପ୍ରେରିତ ପାଉଲ ଲେଖନ୍ତି,"ଅବା ତୁମ୍ଭମାନଙ୍କ ଶରୀର ଯେ ଈଶ୍ୱରଙ୍କ ଠାରୁ ପ୍ରାପ୍ତ ତୁମ୍ଭମାନଙ୍କର ଅନ୍ତର୍ବାସୀ ପବିତ୍ର ଆତ୍ମାଙ୍କ ମନ୍ଦିର, ଏହା କଅଣ ଜାଣ ନାହିଁ ? ଆଉ ଖ୍ରୀଷ୍ଟଙ୍କର ବଶୀଭୂତା, ସେହିପରି ସ୍ତ୍ରୀମାନେ ମଧ୍ୟ ସବୁ ବିଷୟରେ ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅନ୍ତୁ । ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ' ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।" (ଏଫିସୀ ୫:୨୨-୨୫) ସ୍ତ୍ରୀ, ଆପଣା ସ୍ୱାମୀକୁ ଆପଣା ମସ୍ତକ ସ୍ୱରୂପେ ଗ୍ରହଣ କରିବା ଆବଶ୍ୟକ, ତଥା ସ୍ୱାମୀ ସ୍ତ୍ରୀଙ୍କୁ ପ୍ରେମ କରିବା ଆବଶ୍ୟକ । ଏହା ହିଁ ମାନବ ପରିବାର ନିମନ୍ତେ ପରମେଶ୍ୱରଙ୍କ ଯୋଜନା । ଏହି ଯୋଜନାନୁଯାୟୀ କର୍ମ କରା ନ ଗଲେ, ସମସ୍ୟା ଉପୁଜେ ।

ପ୍ରତ୍ୟେକ ଖ୍ରୀଷ୍ଟିୟାନର ମଣ୍ଡଳୀ ପ୍ରତି କର୍ତ୍ତବ୍ୟ ରହିଅଛି । ଖ୍ରୀଷ୍ଟ ମଣ୍ଡଳୀକୁ ଏତେ ପ୍ରେମ କଲେ ଯେ, ତାହା ନିମନ୍ତେ ଆପଣାର ପ୍ରାଣଦାନ କଲେ । ଯେଉଁ ମଣ୍ଡଳୀକୁ ଖ୍ରୀଷ୍ଟ ଆପଣା ପ୍ରାଣ ଠୁଁ ବଳି ପ୍ରେମ କରନ୍ତି, ସେହି ମଣ୍ଡଳୀକୁ ଆପଣ କେତେ ପ୍ରେମ କରୁଅଛନ୍ତି ? (ପ୍ରେରିତ ୨୦:୨୮) । ଖ୍ରୀଷ୍ଟଙ୍କ ଯେପରି ମନ ଥିଲା, ଆମ୍ଭମାନଙ୍କର ମନ ସେପରି ରହୁ । "ମଣ୍ଡଳୀ ମୋ ପାଇଁ କଅଣ କରେ ।" ବୋଲି ଅନେକେ ପ୍ରଶ୍ନ କରନ୍ତି । ସେମାନେ ମଣ୍ଡଳୀକୁ କିଛି ସାହାଯ୍ୟ ନ କରି, ମଣ୍ଡଳୀ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ ବୋଲି ମନେ କରନ୍ତି । ଆମ୍ଭମାନଙ୍କ ସମୟ, ଅର୍ଥ ଓ ଅନ୍ୟାନ୍ୟ କାର୍ଯ୍ୟ ସମ୍ପନ୍ନ କରି ମଣ୍ଡଳୀର ଅଭିବୃଦ୍ଧିରେ ଯୋଗଦାନ କରିପାରୁଁ । କାରଣ ହଜିଯାଇଥିବା ଆତ୍ମାଗୁଡ଼ିକୁ ପରିତ୍ରାଣର ମାର୍ଗରେ କଢ଼ାଇବା ମଣ୍ଡଳୀର

ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ଅଟେ । ଅନ୍ୟମାନଙ୍କ ଆତ୍ମା ନିମନ୍ତେ ଆମ୍ଭେମାନେ ଦାୟୀ ଅଟୁଁ । ପରମେଶ୍ୱର ଆମ୍ଭମାନଙ୍କ ଠାରୁ ଯେଉଁ ପ୍ରକାର ଜୀବନ ଲୋଡ଼ନ୍ତି, ତଦନୁଯାୟୀ ଜୀବନଯାପନ କଲେ, ଦିନ ଆସୁଛି ଯେବେ ଆମ୍ଭମାନଙ୍କୁ ତାହାଙ୍କ ବିଚାର ସିଂହାସନରେ ଉପସ୍ଥିତ ହେବାକୁ ହେବ । "ଜୀବିତ ଈଶ୍ୱରଙ୍କ ହସ୍ତରେ ପଡ଼ିବା ଭୟଙ୍କର ବିଷୟ ।"

**- Bible Teacher**

❋❋❋

# ସ୍ପର୍ଶ ନ କର !

## (Do not Touch)

ଈଶ୍ରାଏଲୀୟମାନେ ମୋଶାଙ୍କ ନେତୃତ୍ୱରେ ମିସର ଦେଶର ଦାସତ୍ୱରୁ ମୁକ୍ତ ହୋଇ ସୂଫ ସାଗର ଠାରୁ ଯାତ୍ରା କରି ଶୂର-ପ୍ରାନ୍ତରରେ ପ୍ରବେଶ କଲେ । (ଯାତ୍ରା ୧୫:୨୨) ତିନିମାସ ପରେ ସେମାନେ ସୀନୟ ପ୍ରାନ୍ତରରେ ପ୍ରବେଶ କଲେ ଓ ସେଠାରେ ସଦାପ୍ରଭୁ ପରମେଶ୍ୱର ସେମାନଙ୍କ ପାଳନାର୍ଥେ ବ୍ୟବସ୍ଥା ପ୍ରଦାନ କରିଥିଲେ । ଯାହାକି ପୁରୁଷାନୁକ୍ରମେ ସେମାନେ ପାଳନ କରନ୍ତି ।

ସେହି ସମୟରେ ସଦାପ୍ରଭୁ ଏକ ସୁନ୍ଦର ସମାଗମ ତମ୍ବୁ ନିର୍ମାଣ କରିବା ନିମନ୍ତେ ଆଦେଶ କରିଥିଲେ । ଯେଉଁଠାରେ ପ୍ରଧାନ ଯାଜକ ପରମେଶ୍ୱରଙ୍କ ସହ ଯୋଗାଯୋଗ କରିପାରିବେ ଓ ଯେଉଁଠାରେ ଯାଜକମାନେ ବଳିଦାନ ଦେଇ ପାରିବେ । ସେହି ତମ୍ବୁରେ ସାଧାରଣ ଜନତା ସଦାପ୍ରଭୁଙ୍କ ଉପାସନା ମଧ୍ୟ କରିପାରୁଥିଲେ ।

ପରମେଶ୍ୱରଙ୍କ ଉପାସନାର୍ଥେ ଅନେକ ପ୍ରକାର ପାତ୍ର ବ୍ୟବହୃତ ହେଉଥିଲା । ତନ୍ମଧ୍ୟରେ ନିୟମ ସିନ୍ଦୁକ ଅନ୍ୟତମ । ଏହି ପବିତ୍ର ନିୟମ ସିନ୍ଦୁକ ଏକ ସ୍ଥାନରୁ ଅନ୍ୟ ସ୍ଥାନକୁ କିପରି ସ୍ଥାନାନ୍ତର କରାଯିବ, ସଦାପ୍ରଭୁ ଏ ବିଷୟରେ ସେମାନଙ୍କୁ ନିର୍ଦ୍ଦିଷ୍ଟ ଆଜ୍ଞା ଦେଇଥିଲେ । (ଗଣନା ୪:୫-୧୫) । ଏହି ନିୟମ ସିନ୍ଦୁକ କେବଳ ଯାଜକମାନଙ୍କ ବିନୁ ଅନ୍ୟମାନେ କେହି ନିୟମ ସିନ୍ଦୁକକୁ ସ୍ପର୍ଶ ନ କରିବା ନିମନ୍ତେ ସଦାପ୍ରଭୁ ଆଜ୍ଞା ଦେଇଥିଲେ । (ଗଣନା ୪:୧୫)

ଦାଉଦ ରାଜାରୂପେ ଅଭିଷିକ୍ତ ହେବା ପରେ, ନିୟମ ସିନ୍ଦୁକ ଅବିନାଦବଙ୍କ ଗୃହ ଠାରୁ ଯିରୁଶାଲମକୁ ସ୍ଥାନାନ୍ତର କରିବା ନିମନ୍ତେ ମନସ୍ଥ କଲେ । ନିୟମ ସିନ୍ଦୁକ ଏକ ନୂତନ ଶଗଡ଼ରେ ରଖିଲେ, ଯେଉଁ ଶଗଡ଼ ଅବିନାଦବର ପୁତ୍ର ଉଷ ଓ ଅହୀୟୋ ଚଳାଇ ଯିରୁଶାଲମ ଅଭିମୁଖେ ଯାତ୍ରା କଲେ । ୨ୟ ଶାମୁୟେଲ ୬:୬-୭, ପଦରେ

ଲେଖାଯାଏ,"ଆଉ ସେମାନେ ନାଖୋନ ନାମ ଶସ୍ୟମର୍ଦ୍ଦନ ସ୍ଥାନରେ ଉପସ୍ଥିତ ହୁଅନ୍ତେ, ବଳଦମାନେ ଅମଣା ହେବାରୁ ଉଷ ହସ୍ତ ବିସ୍ତାର କରି ପରମେଶ୍ୱରଙ୍କ ସିନ୍ଦୁକ ଧରିଲା । ସେତେବେଳେ ଉଷ ପ୍ରତି ସଦାପ୍ରଭୁଙ୍କ କ୍ରୋଧ ପ୍ରଜ୍ୱଳିତ ହେଲା, ଏଣୁ ପରମେଶ୍ୱର ତାହାଙ୍କ ଭ୍ରାନ୍ତସକାଶୁ ତାହାକୁ ଆଘାତ କରନ୍ତେ, ସେ ସେହିଠାରେ ପରମେଶ୍ୱରଙ୍କ ସିନ୍ଦୁକ ପାଖରେ ମଲା ।"

ଦୁଇଟି କାରଣରୁ ଉଷଙ୍କର ମୃତ୍ୟୁ ଘଟିଥିଲା । (୧) ପରମେଶ୍ୱର ଆଜ୍ଞା କରି ନଥିବା ରୀତିରେ ସେମାନେ ନିୟମ ସିନ୍ଦୁକ ସ୍ଥାନାନ୍ତର କରିବାକୁ ମନସ୍ଥ କଲେ (୨) ନିୟମ ସିନ୍ଦୁକ ସ୍ପର୍ଶ କରି ଉଷ ପରମେଶ୍ୱରଙ୍କ ଆଜ୍ଞା ଲଙ୍ଘନ କରିଥିଲେ । ନିୟମ ସିନ୍ଦୁକ ସ୍ଥାନାନ୍ତର କରିବାର ନିର୍ଦ୍ଦିଷ୍ଟ ଆଜ୍ଞା ପରମେଶ୍ୱର ଇଶ୍ରାଏଲମାନଙ୍କୁ ଜ୍ଞାତ କରାଇଥିବାରୁ, ସେହି ରୀତି ଅବଲମ୍ବନ ନ କରିବା ସେମାନଙ୍କ ପକ୍ଷରେ ପାପରେ ପରିଗଣିତ ହେଲା । ଠିକ୍ ସେହିପରି, ପରମେଶ୍ୱର ଆମ୍ଭମାନଙ୍କୁ କେତୋଟି ନିର୍ଦ୍ଦିଷ୍ଟ ଆଜ୍ଞା ପାଳନ କରିବାକୁ ନୂତନ ନିୟମରେ ଜଣାଇଥିବାରୁ, ସେହି ଆଜ୍ଞା ସକଳ ଆମ୍ଭେମାନେ ଅବଲମ୍ବନ ନକଲେ ଶାପଗ୍ରସ୍ତ ହେବୁ । ଉଦାହରଣ ସ୍ୱରୂପ :- ମଣ୍ଡଳୀର କାର୍ଯ୍ୟ କିପରି ନିର୍ବାହ କରିବା ନିମନ୍ତେ ଆବଶ୍ୟକ ଧନ କିପରି ସଂଗ୍ରହ କରିବା ଆବଶ୍ୟକ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖିଥିବା ପତ୍ରଦ୍ୱାରା ଜାଣିପାରୁ । ଯାହା କହେ,"ସାଧୁମାନଙ୍କ ନିମନ୍ତେ ଦାନ ସଂଗ୍ରହ ସମ୍ବନ୍ଧରେ ମୁଁ ଗାଲାତିଆର ମଣ୍ଡଳୀ ସମୂହକୁ ଆଦେଶ ଦେଇଥିଲି, ତୁମ୍ଭେମାନେ ମଧ୍ୟ ସେହିପରି କର । ମୁଁ ଗଲେ ଯେପରି ଦାନ ସଂଗ୍ରହ କରିବାକୁ ପଡ଼ିବ ନାହିଁ, ଏଥି ନିମନ୍ତେ ସପ୍ତାହର ପ୍ରଥମ ଦିନରେ ତୁମ୍ଭେମାନେ ପ୍ରତ୍ୟେକ ଜଣ ଆପଣା ଆପଣା ସୁବିଧା ଅନୁସାରେ ନିଜ ନିଜ ନିକଟରେ କିଛି କିଛି ସଞ୍ଚୟ କରି ରଖ ।" (୧ମ କରିନ୍ଥୀ ୧୬:୧-୨) ମଣ୍ଡଳୀର ସଭ୍ୟମାନଙ୍କ ଠାରୁ ସଂଗ୍ରହ କରାଯାଇଥିବା ଦାନରୁ, ମଣ୍ଡଳୀର କାର୍ଯ୍ୟ ସମ୍ପନ୍ନ ହେବା ଆବଶ୍ୟକ ବୋଲି ଏହି ବାକ୍ୟ ସୁସ୍ପଷ୍ଟ କରେ । ମଣ୍ଡଳୀ ଅନ୍ୟାନ୍ୟ ବାଣିଜ୍ୟ କାର୍ଯ୍ୟରେ ପଇସା ରୋଜଗାର କରିବା, ପରମେଶ୍ୱରଙ୍କ ଇଚ୍ଛା ବିରୁଦ୍ଧ ବୋଲି ଏହି ଘଟଣାରୁ ବୁଝିପାରୁ ।

ଯଦିଓ ଉଷଙ୍କ କାର୍ଯ୍ୟ ସତ୍ ଉଦ୍ଦେଶ୍ୟରେ ଥିଲା, ତାହାଙ୍କ କାର୍ଯ୍ୟ ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧ ଥିଲା । ଅର୍ଥାତ୍ ଯଦିଓ ଆମ୍ଭମାନଙ୍କ କାର୍ଯ୍ୟ ସତ୍ ଉଦ୍ଦେଶ୍ୟରେ କରୁ, ତାହା ଯଦି ପରମେଶ୍ୱରଙ୍କ ଆଜ୍ଞା ବିରୁଦ୍ଧ, ତାହା ପାପ ଅଟେ । ନୂତନ ନିୟମ କହେ,"ପରସ୍ପର ମିଥ୍ୟା କୁହ ନାହିଁ..........(କଲସୀ ୩:୯) ମିଥ୍ୟାବାଦୀମାନଙ୍କ ଗତି କଅଣ ? "..........ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ, ଏହା ହିଁ ଦ୍ୱିତୀୟ ମୃତ୍ୟୁ ।" (ପ୍ରକାଶିତ ୨୧:୮)

ବ୍ୟଭିଚାର, ଅଶୁଦ୍ଧତା, କାମୁକତା, ପ୍ରତିମା ପୂଜା ଇତ୍ୟାଦି କାର୍ଯ୍ୟରେ ଲିପ୍ତମାନଙ୍କ ବିଷୟରେ ବାକ୍ୟ କହେ, "...........ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ।" (ଗାଲାତି ୫:୧୯-୨୧)

ଆମ୍ଭେମାନେ ଯେତେ ପାପୀ ହେଲେ ସୁଦ୍ଧା, ସୁସମାଚାରର ଆଜ୍ଞାବହ ହେଲେ ପ୍ରଭୁ ଆମ୍ଭମାନଙ୍କ ପାପ ଧୋଇଦେବେ । ସେ ଆମ୍ଭମାନଙ୍କ ପାପ ଧୌତ କରିବା ନିମନ୍ତେ କ୍ରୁଶରେ ହତ ହେଲେ । ତାହାଙ୍କ ଆଜ୍ଞା ପାଳନରେ ଆମର ମୁକ୍ତି ।

**- Alfred A. Meeks Sr.**

❋❋❋

## "ମୁଁ ଭାବିଥିଲି... "
## (I said to myself)

ଅରାମୀୟ ରାଜାଙ୍କ ନାମନ୍ ନାମକ ସେନାପତି ଏକ ମହାବିକ୍ରମଶାଳୀ ସମ୍ଭ୍ରାନ୍ତ ବ୍ୟକ୍ତି ଥିଲେ । କିନ୍ତୁ ସେ ଏକ କୁଷ୍ଠରୋଗୀ । ତାହାଙ୍କ ଏକ କ୍ଷୁଦ୍ର ଏବ୍ରୀ ଦାସୀର ପ୍ରସ୍ତାବରେ କୁଷ୍ଠରୋଗରୁ ସୁସ୍ଥତା ପାଇବା ନିମନ୍ତେ ଇଶ୍ରାଏଲର ଭାବବାଦୀ ଇଲୀଶାୟ ନିକଟରେ ସେ ଉପସ୍ଥିତ ହେଲେ ।

ନାମାନ୍ ଇଲୀଶାୟଙ୍କ ଦ୍ୱାର ନିକଟବର୍ତ୍ତୀ ହେବାରୁ, "ଇଲୀଶାୟ ଏକ ଦୂତ ପଠାଇ ତାହାଙ୍କୁ କହିଲେ, "ତୁମ୍ଭେ ଯାଇ ଯର୍ଦ୍ଦନରେ ସାତଥର ସ୍ନାନ କର, ତହିଁରେ ତୁମ୍ଭର ନୂତନ ମାଂସ ହେବ ଓ ତୁମ୍ଭେ ଶୁଦ୍ଧ ହେବ ।" (୨ ରାଜାବଳି ୫:୧୦)

ଏପରି ସମସ୍ୟାର ସରଳ ସମାଧାନ ନାମାନ୍ଙ୍କ ଭାବନାର ବାହାରେ ଥିଲା । ସେ କ୍ରୁଦ୍ଧ ହୋଇ ଚାଲିଗଲେ । ସେ କହିଲେ, "ଦେଖ, ମୁଁ ଭାବିଥିଲି, ସେ ଅବଶ୍ୟ ବାହାରି ମୋ କତିକି ଆସିବ ଓ ଠିଆ ହୋଇ ସଦାପ୍ରଭୁ ତାହାର ପରମେଶ୍ୱରଙ୍କ ନାମରେ ପ୍ରାର୍ଥନା କରି କୁଷ୍ଠସ୍ଥାନରେ ହସ୍ତ ହଲାଇ ତାହା ସୁସ୍ଥ କରିବ ।" (୨ ରାଜାବଳି ୫:୧୧) ପୁଣି ସେ କହିଲେ, "ଇଶ୍ରାଏଲର ସମୁଦାୟ ଜଳ ଅପେକ୍ଷା କି ଦମ୍ମେସକର ଅବାନା ଓ ପର୍ପର ନଦୀ ଉତ୍ତମ ନୁହେଁ ? ମୁଁ କି ତହିଁରେ ସ୍ନାନ କରି ସୁଦ୍ଧ ହୋଇ ନପାରନ୍ତି ? ଏଣୁ ସେ ଫେରି କ୍ରୋଧରେ ଚାଲିଗଲା ।" (୧୨ମ ପଦ)

ଏହି ଘଟଣାରୁ ଆମ୍ଭେମାନେ ଅନେକ ଶିକ୍ଷା ପାଇପାରୁ :

(୧) ଭାବବାଦୀ ତାହାଙ୍କୁ କିପରି ସୁସ୍ଥ କରିବେ, ତାହାର ନିର୍ଦ୍ଦିଷ୍ଟ ଯୋଜନା ସେ ଆପେ ଆପେ ମନରେ ଆଙ୍କି ନେଇଥିଲେ । ତାହାଙ୍କ ମନଭାବନାନୁଯାୟୀ ଇଲୀଶାୟ ତାହାଙ୍କୁ ନିର୍ଦ୍ଦେଶ ନ ଦେବାରୁ ସେ ତାହା ଅଗ୍ରାହ୍ୟ କଲେ । ଆଜିର ସମାଜରେ ଲୋକେ ମଧ୍ୟ ପରମେଶ୍ୱରଙ୍କ ବାକ୍ୟ ଧ୍ୟାନ ନକରି, ଆପଣା ମନର ଭାବନାନୁଯାୟୀ ଜୀବନଯାପନ କରିବାରେ ଆତୁର ଅଟନ୍ତି । ଏପରି ଲୋକମାନଙ୍କ ବିଷୟରେ ପ୍ରଭୁ କହନ୍ତି, "ମୋତେ ପ୍ରଭୁ, ପ୍ରଭୁ ବୋଲି ଡାକନ୍ତି, ଏପରି ପ୍ରତ୍ୟେକ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବେ ନାହିଁ, ମାତ୍ର ଯେ ମୋହର ସ୍ୱର୍ଗସ୍ଥ ପିତାଙ୍କ ଇଚ୍ଛା ସାଧନ କରେ, ସେ ପ୍ରବେଶ କରିବ । ସେଦିନ ଅନେକେ ମୋତେ କହିବେ, ହେ ପ୍ରଭୁ, ହେ ପ୍ରଭୁ, ଆମ୍ଭେମାନେ କି ତୁମ୍ଭ ନାମରେ ଭାବବାଣୀ କହିଲୁ ନାହିଁ ? ପୁଣି, ତୁମ୍ଭ ନାମରେ କି ଭୂତମାନଙ୍କୁ ଛଡ଼ାଇଲୁ ନାହିଁ ? ଆଉ ତୁମ୍ଭ ନାମରେ କି ଅନେକ ଶକ୍ତିର କାର୍ଯ୍ୟ କଲୁ ନାହିଁ ? ସେତେବେଳେ ମୁଁ ସେମାନଙ୍କୁ ସ୍ପଷ୍ଟ ରୂପେ କହିବି, ମୁଁ ତୁମ୍ଭମାନଙ୍କୁ କେବେ ହେଁ ଜାଣିନାହିଁ । ହେ ଧର୍ମାଚାରୀମାନେ, ମୋ ପାଖରୁ ଦୂର ହୁଅ ।" (ମାଥିଉ ୭:୨୧-୨୩) ଆମ୍ଭମାନଙ୍କ ଭାବନା ବା କଳ୍ପନା ମୁଖ୍ୟ ନୁହେଁ, କିନ୍ତୁ ଯାହା ଈଶ୍ୱରଙ୍କ ବାକ୍ୟ କହେ ତାହା ଆମ୍ଭମାନଙ୍କ ଜୀବନରେ ମୁଖ୍ୟ ବାକ୍ୟ ହେଉ । ପ୍ରଭୁଙ୍କ ବାକ୍ୟ ଯଦିଓ ଆମ୍ଭମାନଙ୍କୁ ଅକାରଣ ଲାଗେ, ତଥାପି ତାହା ପାଳନ କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ ।

(୨) ଦମ୍ମେଶକର ନଦୀର ଜଳରେ ଏବଂ ଯର୍ଦ୍ଦନର ନଦୀର ଜଳରେ ନାମନ୍ କୌଣସି ଭେଦ ପରିଲକ୍ଷିତ କରିନଥିଲେ, ତାହାଙ୍କ ଦୃଷ୍ଟିରେ ଦୁଇନଦୀର ଜଳ ସମାନ ଥିଲା । କିନ୍ତୁ ତାହାଙ୍କ ସୁସ୍ଥତା ନଦୀର ଜଳରେ ନଥିଲା । ପରମେଶ୍ୱର ଅନୁଗ୍ରହ ଦ୍ୱାରା, ତାହାଙ୍କ ଆଜ୍ଞା ପାଳନ ଦ୍ୱାରା ସେ ସୁସ୍ଥତା ପାଇବାର ସୁଯୋଗ ପାଇଥିଲେ । ଅବାନା ଓ ପର୍ପର ନଦୀର ଜଳ ଯର୍ଦ୍ଦନ ନଦୀର ଜଳ ଅପେକ୍ଷା ଉତ୍କୃଷ୍ଟତର ହୋଇଥାଇପାରେ, କିନ୍ତୁ ସେହି ନଦୀ ଜଳରେ ସ୍ନାନ କରିବା ନିମନ୍ତେ ପରମେଶ୍ୱର ଆଜ୍ଞା ଦେଇନଥିଲେ । ପରମେଶ୍ୱର ଯର୍ଦ୍ଦନ ନଦୀର ଜଳରେ ନାମାନ୍ ନିମନ୍ତେ ସୁସ୍ଥତା ସାଇତି ରଖିଥିଲେ । ତେଣୁକରି ଯର୍ଦ୍ଦନ ନଦୀର ସ୍ଥାନରେ ହିଁ ସେ ସୁସ୍ଥତା ପ୍ରାପ୍ତ ହୋଇଥିଲେ । ସଦାପ୍ରଭୁ ଯାହା ନିର୍ଦ୍ଦିଷ୍ଟ କରିଅଛନ୍ତି, ତାହା ଆମେ ପରିବର୍ତ୍ତନ କରିନପାରୁ !

(୩) ମନୁଷ୍ୟ ପ୍ରଥମେ ପରମେଶ୍ୱରଙ୍କ ଯୋଜନା ଅଗ୍ରାହ୍ୟ କରି, ତତ୍‌ପରେ ମନ ପରିବର୍ତ୍ତନ କରି ତାହାଙ୍କ ନିକଟକୁ ଫେରିଆସେ । ସେ ତାହାଙ୍କ

ଆଶୀର୍ବାଦ୍ ପ୍ରାପ୍ତ ହୋଇପାରେ । ନାମନ୍ଙ୍କ ଦାସମାନେ ତାହାଙ୍କୁ ବୁଝାଇ କହିଲେ,"ଆମ୍ଭ ପିତଃ, ଯେବେ ସେ ଭବିଷ୍ୟଦ୍‌ବକ୍ତା କୌଣସି ବଡ଼ କାର୍ଯ୍ୟ କରିବାକୁ ଆପଣଙ୍କୁ ଆଜ୍ଞା କରିଥାନ୍ତେ, ତେବେ କି ଆପଣ ତାହା କରିନଥା'ନ୍ତେ ? ତେବେ ସ୍ନାନ କରି ସୁସ୍ଥ ହୁଅ, ଏହି କଥା ଯେତେବେଳେ ସେ ଆପଣଙ୍କୁ କହନ୍ତି, ତାହା ମାନିବା କେତେ ଅଧିକ କର୍ତ୍ତବ୍ୟ ?" (୨ ରାଜାବଳି ୫:୧୩) ସେ ଆପଣା ଦାସମାନଙ୍କ ପ୍ରସ୍ତାବରେ ଯର୍ଦ୍ଦନ ନଦୀ ଜଳରେ ସାତଥର ସ୍ନାନ କରି, କୁଷ୍ଠରୋଗରୁ ଶୁଚି ହୋଇଥିଲେ । ଏହା ମନ ପରିବର୍ତ୍ତନର ଏକ ନିଦର୍ଶନ । ଯଦି ଆମ୍ଭେମାନେ ମନ ପରିବର୍ତ୍ତନ କରି, ତାହାଙ୍କ ନିକଟକୁ ଫେରିଆସୁ, ଆମ୍ଭମାନଙ୍କ ଅପରାଧ ସବୁ କ୍ଷମା କରିବେ । ଆମ୍ଭେମାନେ ତାହାଙ୍କ ଆଶୀର୍ବାଦର ପାତ୍ର ହୋଇ ପାରିବା । (ଲୂକ ୧୩:୩-୫, ପ୍ରେରିତ ୧୭:୩୦)

ଆସ ଆମ୍ଭେମାନେ ପରମେଶ୍ୱରଙ୍କ ଆଜ୍ଞା ପାଳନ କରି ତାହାଙ୍କ ଆଶୀଷ ସକଳର ଅଧିକାରୀ ହେଉଁ ।

**-Alfred A. Meeks Sr.**

❋❋❋

# ଈଶ୍ୱରଙ୍କ ଚେତାବନୀ ଅବହେଳା ନ କରନ୍ତୁ !
## (Heed God's Warning)

ସଦାପ୍ରଭୁ ପରମେଶ୍ୱର ମନୁଷ୍ୟମାନଙ୍କ ଶାରୀରିକ ଓ ଆତ୍ମିକ ଅଭିବୃଦ୍ଧି ଚାହାନ୍ତି । "ସମସ୍ତେ ଯେପରି ପରିତ୍ରାଣ ଓ ସତ୍ୟ ସମ୍ବନ୍ଧରେ ଜ୍ଞାନ ପ୍ରାପ୍ତ ହୁଅନ୍ତି, ଏହା ଯେ ଇଚ୍ଛା କରନ୍ତି (୨ୟ ତୀମଥି ୨:୪) ପରମେଶ୍ୱର ଆମ୍ଭମାନଙ୍କ ପରିତ୍ରାଣର ଆକାଂକ୍ଷିତ ଥିବାରୁ, ଆମ୍ଭେମାନେ ଯେପରି ପାପରୁ ଦୂରରେ ରହୁ, ଏଥି ନିମନ୍ତେ ଆମ୍ଭମାନଙ୍କୁ ସତର୍କ କରନ୍ତି । ଏବ୍ରୀ ପୁସ୍ତକ କର୍ତ୍ତାଙ୍କ ପରମେଶ୍ୱର ପ୍ରକଟିତ କେତୋଟି ସତର୍କତା ନିମ୍ନରେ ଲିଖିତ ହୋଇଅଛି ।

**ମହା ପରିତ୍ରାଣ ଅବହେଳା ନ କରନ୍ତୁ :** "ଅତଏବ ଶୁଣାଯାଇଥିବା ବାକ୍ୟ ପ୍ରତି ଅଧିକ ମନୋଯୋଗୀ ହେବା ଆମ୍ଭମାନଙ୍କର ଉଚିତ, ନୋହିଲେ କାଳେ ଆମ୍ଭେମାନେ ଲକ୍ଷ୍ୟଭ୍ରଷ୍ଟ ହେବୁ ।" (ଏବ୍ରୀ ୨:୧)

**କଠିନମନା ନହୁଅ :** "କିନ୍ତୁ କାଳେ ପାପର ପ୍ରବଞ୍ଚନା ଦ୍ୱାରା ତୁମ୍ଭମାନଙ୍କ

ମଧ୍ୟରୁ କେହିଁ କଠିନମନା ହୁଏ, ଏଥିନିମନ୍ତେ ଆଜି ସୁଯୋଗ ଥାଉ ଥାଉ ପ୍ରତିଦିନ ପରସ୍ପରକୁ ଉତ୍ସାହ ଦିଅ ।'' (ଏବ୍ରୀ ୩:୧୩)

**ଆଜ୍ଞା ଅମାନ୍ୟ କରି ବିନଷ୍ଟ ନହୁଅ :** ''ଏଣୁ ଆସ, ଆମ୍ଭେମାନେ ସେହି ବିଶ୍ରାମରେ ପ୍ରବେଶ କରିବାକୁ ଯତ୍ନ କରୁ, ଯେପରି କୌଣସି ଲୋକ ଅବାଧ୍ୟତାର ସେହି ଦୃଷ୍ଟାନ୍ତ ଅନୁସାରେ ପତିତ ନହୁଏ ।'' (ଏବ୍ରୀ ୪:୧୧)

**ଆତ୍ମିକତାର ଶିଶୁ ସଦୃଶ୍ୟ ନ ରୁହ :** '' ଯଦ୍ୟପି ଏତେ ସମୟ ମଧ୍ୟରେ ତୁମ୍ଭମାନଙ୍କର ଶିକ୍ଷକ ହେବା ଉଚିତ ଥିଲା, ତଥାପି ଈଶ୍ୱରଙ୍କ ବାକ୍ୟର ପ୍ରାଥମିକ ମୌଳିକ ସୂତ୍ରଗୁଡ଼ିକ କେହି ଯେ ତୁମ୍ଭମାନଙ୍କୁ ଶିକ୍ଷା ଦିଏ, ଏହା ପୁନର୍ବାର ତୁମ୍ଭମାନଙ୍କର ପ୍ରୟୋଜନ ।'' (ଏବ୍ରୀ ୫:୧୨)

**ଧର୍ମଭ୍ରଷ୍ଟ ନ ହୁଅ :** ''ସେମାନେ ଯଦି ଧର୍ମଭ୍ରଷ୍ଟ ହୁଅନ୍ତି, ତାହାହେଲେ ମନ ପରିବର୍ତ୍ତନ ନିମନ୍ତେ ସେମାନଙ୍କୁ ପୁନର୍ବାର ନୂତନ କରାଇବା ଅସାଧ୍ୟ, ଯେଣୁ ସେମାନେ ଆପଣା ଆପଣାର ବିନାଶ ନିମନ୍ତେ ଈଶ୍ୱରଙ୍କ ପୁତ୍ରଙ୍କୁ, ପୁଣି କ୍ରୁଶାରୋପଣ କରି ପ୍ରକାଶରେ ତାହାଙ୍କୁ ନିନ୍ଦାର ପାତ୍ର କରନ୍ତି ।'' (ଏବ୍ରୀ ୬:୬)

**ତାହାଙ୍କୁ ଅଗ୍ରାହ୍ୟ ନ କର :** ''ସାବଧାନ ଯେ ବାକ୍ୟକୁ କହିଅଛନ୍ତି ତାହାଙ୍କୁ ଅଗ୍ରାହ୍ୟ ନ କର, କାରଣ ଯେ ପୃଥିବୀରେ ଆଦେଶ ଦେଲେ, ତାହାଙ୍କୁ ଅଗ୍ରାହ୍ୟ କରିବାରୁ ସେମାନେ ଯଦି ରକ୍ଷା ପାଇଲେ ନାହିଁ, ତେବେ ଯେ ସ୍ୱର୍ଗରୁ ଆଦେଶ ଦେଉଅଛନ୍ତି, ତାହାଙ୍କ ଠାରୁ ବିମୁଖ ହେଲେ ଆମ୍ଭେମାନେ ଯେ ରକ୍ଷା ପାଇବା ନାହିଁ, ଏହା କେତେ ଅଧିକ ସୁନିଶ୍ଚିତ ।'' (ଏବ୍ରୀ ୧୨:୨୫)

ଯେଉଁମାନେ ପରମେଶ୍ୱରଙ୍କ ବାକ୍ୟ ଦ୍ୱାରା ସଚେତନ ରହନ୍ତି, ସେମାନେ ଶୟତାନ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ସୁପ୍ରସ୍ତୁତ ଅଟନ୍ତି । ଈଶ୍ୱରଙ୍କ ସତର୍କତାରେ ମନଯୋଗ କରନ୍ତୁ ।

**- Charles Box**

❋❋❋

Edited & Published by : Kabita & Joshua Gootam

# Lord, Open Our Eyes

## 2 Kings 6:17

**INTRODUCTION :**

1. Tell the story of how Elisha overcame the King of Syria.
2. In this story he prayed that his servant's eyes might be opened so he could see that God's hand was greater than that of the enemy.
3. Elisha explained, "Fear not : for they that be with us are more than they that be with them."
4. Our eyes are often closed to God and His will.
5. We need to pray that our eyes may be opened that we may see.

**DISCUSSION :**

**I. We Need Our Eyes Opened To God's Presence.**

A. God is over us (Romans 9: 5; Ephesians 4:6).
B. He holds us up with His everlasting hands (Psalm 37:24).
C. He is behind us (Psalm 139).
D. He goes before us (Hebrews 13:5: Psalm 142).
E. He takes us by His hand (Psalm 139:10).
F. He is in us (1 John 4 : 12).
G. He will go with us (Matthew 28:20).
H. He will be with us (Matthew 18 : 20).

**II We Need Our Eyes Opened To God's Promises.**

A. We have received many precious promises from the Lord (2 Peter 1:4).
B. The Lord is not slack concerning His promise (2 Peter 3:9).
C. What He has promised, He is able to do (Romans 4:21).
D. He is faithful that promised (Hebrews 10:23).
E. We are partakers of the promise in Christ by the Gospel (Ephesians 3:6).
F. What are some of the promises ?
   1. That all things will be added to us (Matthew 6 : 33).
   2. That all things will work together for our good (Romans 8:28, 31,35-39).
   3. All spiritual blessings given to us (Ephesians 1:3).

**III. We Need Our Eyes Opened To God's Blessings (Ephesians 1:3;1 Timothy 6:6-12).**

A. We often complain about all of our problems.
B. We are prone to worry.
   1. Start young

2. The tone of our voice is sad.
3. We enumerate all of the bad things that have happened to us.
4. We show this in our appearance and way of life.

C. To the contrary, we have many blessings and should rejoice to have them.

D. List your blessings.
1. Life 2. Health 3. A family 4. A job
5. Freedom 6. The necessities of life
7. Salvation 8. All spiritual blessings
9. The hope of a better life.

E. If God has promised to be with us and to help us, then surely He knows our needs and will provide for them.

**CONCLUSION:**

1. Have your eyes been opened ?
2. Surely you can see things differently now.
3. It is amazing how different things look when our eyes are open.

**J.C. CHOATE**

*Printed Book Only*

From:
**SATYA VANI**
**P.O. Box 80,**
**Kakinada - 533 001**

To

(FOR PRIVATE CRICULATION ONLY)